# NATIONAL NEWS BULLETIN (ODIA)
## 27 February - 2026
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଜସ୍ଥାନ ଏବଂ ଗୁଜରାଟ ଗସ୍ତରେ ଯାଇ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

– କିଶୋରୀମାନଙ୍କ ପାଇଁ ଦେଶ ବ୍ୟାପି ଏଚ୍.ପି.ଭି. ଟିକାକରଣ କାର୍ଯ୍ୟକ୍ରମର କରିବେ ଶୁଭାରମ୍ଭ ।

- ବଜେଟ୍‌ରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ସହ ଲୋକଙ୍କ ଜୀବନଧାରଣ ମାନ ସହଜ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବା, କହିଲେ ପ୍ରଧାନମନ୍ତ୍ରୀ ।
- ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭ ଦଶମିକ୍ ୮ ପ୍ରତିଶତ ରହିଥିବା ସୂଚନା ।
- ଭାରତ-ବ୍ରିଟେନ୍ ମଧ୍ୟରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ।

ଏବଂ

- ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଗ୍ରୁପ୍‌ର ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଜାରି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଏବଂ ଗୁଜରାଟ ଗସ୍ତରେ ଯିବେ । ରାଜସ୍ଥାନ ଗସ୍ତ କାଳରେ ଶ୍ରୀ ମୋଦୀ ଆଜମିର୍ ଠାରେ ୧୬ ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସହରାଞ୍ଚଳ ବିକାଶ, ପାନୀୟ ଜଳ ଯୋଗାଣ, ସଡ଼କ, ଜଳସେଚନ, ଶକ୍ତି, ଶିଳ୍ପ ଭିତ୍ତିଭୂମି କ୍ଷେତ୍ର ରହିଛି ।

ସେ ସେଠାରେ ଜନସାଧାରଣଙ୍କୁ ମଧ୍ଯ ଉଦ୍‌ବୋଧନ ଦେବେ । ଶ୍ରୀ ମୋଦୀ ଜରାୟୁ କର୍କଟ ନିରାକରଣ ଲାଗି ୧୪ ବର୍ଷର କିଶୋରୀମାନଙ୍କ ପାଇଁ ଦେଶ ବ୍ୟାପି ଏଚ୍.ପି.ଭି. ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ରାଜ୍ୟରେ ସଡ଼କ ଯୋଗାଯୋଗ ବିକାଶ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ବନ୍ଦିକ୍ୱିରୁ ଜୟପୁର ଚାରିଲେନ୍ ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ଏକ୍ସପ୍ରେସ୍ ୱେ, ୮ ଲେନ୍ ବିଶିଷ୍ଟ ଦିଲ୍ଲୀ-ବଦୋଦରା ସଡ଼କ ଆଦି ଅନେକ ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ସେହିପରି ଜୋଧପୁର ନଗରକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ସଡ଼କ, ବାରାନ ଜିଲ୍ଲାରେ ମାଲାମୋରି-ମାଙ୍ଗ୍ରୋନ୍-ବାରାନ ରାଜ୍ୟ ରାଜପଥର ଶିଳାନ୍ୟାସ କରିବେ ।

ରାଜସ୍ଥାନ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂସ୍ଥାନରେ ନବନିଯୁକ୍ତ ୨୧ ହଜାର ୮୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଗୁଜରାଟ ଗସ୍ତରେ ଯାଇ ସାନନ୍ଦଠାରେ ସେମିକଣ୍ଡକ୍ଟର ନିର୍ମାଣ, ପରୀକ୍ଷଣ ଏବଂ ପ୍ୟାକେଜିଂ ନେଇ ହୋଇଥିବା ମାଇକ୍ରନ୍ ସେମିକଣ୍ଡକ୍ଟର ଭାରତୀୟ ପ୍ରଯୁକ୍ତିବିଦ୍ୟା ନିଗମର ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭିତ୍ତିଭୂମି କ୍ଷେତ୍ରକୁ ବ୍ୟାପକ କରିବା, ଜନସାଧାରଣଙ୍କ ଜୀବନ ଧାରଣ ସହଜ କରିବ ଏବଂ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ କେନ୍ଦ୍ର ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଏବଂ ଅର୍ଥ ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି ।

## VO-1--PM-ROADMAP-MM

କେନ୍ଦ୍ର ବଜେଟ୍‌ରେ ଆବଣ୍ଟିତ ଅର୍ଥ ପରିମାଣ ୧୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । କେନ୍ଦ୍ରୀୟ ବଜେଟ୍ ଏକ କ୍ଷଣସ୍ଥାୟୀ ବାଣିଜ୍ୟ ନଥିପତ୍ର ନୁହେଁ। ବରଂ ଏହା ହେଉଛି ଏହା ଏକ ନୀତିଗତ ରୋଡ୍‌ମ୍ୟାପ୍ । ବଜେଟର ପ୍ରଭାବକୁ ଦୃଢ଼ ଏବଂ ପ୍ରକୃତ ମାନକ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ସଂସ୍କାରମୂଳକ ପଦକ୍ଷେପ, ବ୍ୟବସାୟ କରିବାରେ ସହଜତାରେ ଉନ୍ନତି ଆଣିବା ସହ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିଛି । ବିଭିନ୍ନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଉତ୍କୃଷ୍ଟତା ଓ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଘୋଷିତ ସଂସ୍କାରର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ମୂଲ୍ୟାଙ୍କନ କରାଯିବା ନେଇ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା, ଯୋଗାଣ ଶୃଙ୍ଖଳ ଏବଂ ତଥ୍ୟ ବିଶ୍ଳେଷଣ ଆଧାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏହି ୱେବିନାରରେ ଶିଳ୍ପଦ୍ୟୋଗ, ଆର୍ଥିକ ପ୍ରତିଷ୍ଠାନ, ବଜାର ଅଂଶଗ୍ରହଣକାରୀ, ସରକାର, ଶିଳ୍ପ ନିୟାମକ ଏବଂ ଶିକ୍ଷାନୁଷ୍ଠାନର ପ୍ରମୁଖ ଅଂଶିଦାର  ପ୍ରମୁଖ ଯୋଗ ଦେଇଥିଲେ ।

# ଜିଡିପି-ଗ୍ରୋଥ୍

ଦେଶର ଆର୍ଥିକ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୭ ଦଶମିକ୍ ୮ ପ୍ରତିଶତରେ ପହଞ୍ଚିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ଅଭିବୃଦ୍ଧି ହାର ୭ ଦଶମିକ୍ ୬ ପ୍ରତିଶତ ଆକଳନ କରାଯାଇଥିଲା । ଯାହାକି ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ପରିମାଣ ୭ ଦଶମିକ୍ ୧ ପ୍ରତିଶତ ଥିଲା । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨-୨୩ ଆଧାର ବର୍ଷ ଅନୁଯାୟୀ ବାର୍ଷିକ ଏବଂ ତ୍ରୈମାସିକ ଆକଳନ ରିପୋର୍ଟ୍ ଆଜି ଜାରି କରାଯାଇଛି । ଏହା ପୂର୍ବରୁ ୨୦୧୧-୧୨ ବର୍ଷକୁ ଆଧାର ବର୍ଷ ଭାବେ ଗ୍ରହଣ କରାଯାଇ ଆର୍ଥିକ ଅଭିବୃଦ୍ଧି ଆକଳନ କରାଯାଉଥିଲା । ମନ୍ତ୍ରଣାଳୟ ପକ୍ଷରୁ ଅର୍ଥନୈତିକ କ୍ଷେତ୍ରରେ ଦେଶର ଉନ୍ନତି ପରିଲକ୍ଷିତ ହୋଇଥିବା ଜଣାଯାଇଛି ।

ସେହିପରି ମନ୍ତ୍ରଣାଳୟ ପକ୍ଷରୁ ଦ୍ୱିତୀୟ ତ୍ରୈମାସିକରେ ଆର୍ଥିକ ଅଭିବୃଦ୍ଧି ହାର ୮ ଦଶମିକ୍ ୪ ପ୍ରତିଶତ ଏବଂ ତୃତୀୟ ତ୍ରୈମାସିକରେ ୭ ଦଶମିକ୍ ୮ ପ୍ରତିଶତ ହେବାର ଆକଳନ କରାଯାଇଛି । ଦେଶର ଅର୍ଥନୈତିକ ବିକାଶ ଦିଗରେ ନିର୍ମାଣ କ୍ଷେତ୍ର ଅଧିକ ଅବଦାନ ରହିଥିବା ମନ୍ତ୍ରଣାଳୟ କହିଛି । ୨୦୨୩-୨୪ ଏବଂ ୨୦୨୫-୨୬ରେ ଆର୍ଥିକ

ବର୍ଷରେ ଏହି କ୍ଷେତ୍ରରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଥିବା ଜଣାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ବାଣିଜ୍ୟ, ହୋଟେଲ୍, ପରିବହନ, ଯୋଗାଯୋଗ, ପ୍ରସାରଣ ଜନିତ ସେବା ଆଦି କ୍ଷେତ୍ରଗୁଡ଼ିକରେ ୧୦ ଦଶମିକ୍ ୧ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଡକ୍ଟର ଭି. ଅନନ୍ଥ ନାଗେଶ୍ୱରନ୍ କହିଛନ୍ତି, ବିଶ୍ୱରେ ଅନିଶ୍ଚିତତା ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସ୍ଥିର ରହିଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସଦ୍ୟତମ ଜି.ଡି.ପି. ହାର ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଲଗାତାର ଗତ ୩ ବର୍ଷ ଧରି ଦେଶର ମୋଟ୍ ଅଭିବୃଦ୍ଧିହାର ୭ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି । ସେ କହିଛନ୍ତି, ସଦ୍ୟତମ ସୂଚନା ଅନୁଯାୟୀ ଜି.ଡି.ପି. ହାର ୧୧ ପ୍ରତିଶତ ନିକଟବର୍ତ୍ତୀ ହୋଇପାରିବ ଏବଂ ୪ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରିବ ।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ସଚିବ ସୌରବ ଗର୍ଗ କହିଛନ୍ତି, ୨୦୨୨-୨୩ ନୂତନ ଆଧାରବର୍ଷ ଭିତ୍ତିରେ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ସୁଦ୍ଧା ତୃତୀୟ ତ୍ରୈମାସିକରେ ଜି.ଡି.ପି. ଅଭିବୃଦ୍ଧିହାର ୭ ଦଶମିକ୍ ୮ ପ୍ରତିଶତ ହୋଇପାରିଛି ।

# ଇଣ୍ଡିଆ-ୟୁକେ

ନୂଆଦିଲ୍ଲୀଠାରେ ଆଜି ଷଷ୍ଠ ଭାରତ-ବ୍ରିଟେନ୍ ସ୍ୱରାଷ୍ଟ୍ର ବ୍ୟାପାର ଆଲୋଚନା ଅନୁଷ୍ଠିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଉଭୟ ପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା । ସନ୍ତ୍ରାସବାଦ ଏବଂ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ବିରୁଦ୍ଧରେ ସଂଗ୍ରାମ ଲାଗି ଆପୋଷ ସହଯୋଗ ନେଇ କଥାବାର୍ତ୍ତା ହୋଇଥିଲା । ଆଲୋଚନା କାଳରେ ବ୍ରିଟେନ୍‌ରେ ଭାରତ ବିରୋଧି ସଂଗଠନର କାର୍ଯ୍ୟକଳାପ, ଖଲିସ୍ତାନୀ ସନ୍ତ୍ରାସବାଦୀ, ନିଶା ଚୋରା ଚାଲାଣ, ସାଇବର ସିକ୍ୟୁରିଟି, ଅପରାଧିକ ନ୍ୟାୟିକ ବ୍ୟବସ୍ଥା ଆଦି ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଭାରତ ପକ୍ଷରୁ ସଚିବ ଡକ୍ଟର ରାଜେନ୍ଦ୍ର କୁମାର ଏବଂ ବ୍ରିଟେନ୍ ପକ୍ଷରୁ ଦ୍ୱିତୀୟ ସ୍ଥାୟୀ ସଚିବ ସାଇମନ୍ ରିଡ୍‌ଲେ ନେତୃତ୍ୱ ନେଇଥିଲେ ।

# ଭୂପେନ୍ଦ୍ର-ଚିତା

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ' କୁନୁଃ ନ୍ୟାସନାଲ୍ ପାର୍କରେ ମାଇ ଚୀତାବାଘ ଜାମିନିଠାରୁ ଚାରୋଟି ଚିତା ବାଘ ଛୁଆ ଜନ୍ମ ଲାଭ କରିଥିବା ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ କହିଛନ୍ତି, ସମସ୍ତ ଚାରୋଟି

ବାଘ ଛୁଆ ସୁସ୍ଥ ଥିବା ସେ ପ୍ରକାଶ କରିଛନ୍ତି । ଚିତା ପ୍ରକଳ୍ପ ଅଧୀନରେ ବିଜ୍ଞାନଗତ ପରିଚାଳନା ଏବଂ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଚିତାବାଘ ସଂଖ୍ୟାରେ ଉନ୍ନତି ଘଟିଥିବା ସେ କହିଛନ୍ତି । ଭାରତରେ ଏବେ ଚିତାବାଘ ସଂଖ୍ୟା ୩୯ରେ ପହଞ୍ଚିଛି ।

## ଇଣ୍ଡିଆ-ଇଟାଲୀ

ଭାରତ ଏବଂ ଇଟାଲୀ ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳକୁ ବଜାୟ ରଖିବା ଲାଗି ଶିଳ୍ପ ବାଗିଦାରିତାରେ ଉନ୍ନତି ଦିଗରେ ପ୍ରତିବଦ୍ଧତା ଦୋହରାଇଛନ୍ତି । ରୋମ୍‌କୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ପ୍ରତିରକ୍ଷା ଉତ୍ପାଦନ ସଚିବ ସଞ୍ଜିବ କୁମାର’ ପ୍ରତିରକ୍ଷା ସାମଗ୍ରୀ ସଂଗ୍ରହ, ପ୍ରତିରକ୍ଷା ଶିଳ୍ପ କରିଡ଼ର କ୍ଷେତ୍ରରେ ଦେଶର ନୀତି ଏବଂ ରୂପରେଖ ସମ୍ପର୍କରେ ଅବଗତ କରାଇଛନ୍ତି । ସେ ଇଟାଲୀର ପ୍ରତିରକ୍ଷା ସଚିବ ମାଟେଓ ପେରେଗୋଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗୋଆ-ମାସିଫ୍ ୟୁଥ୍ ରାଲି

ଗୋଆ ସ୍ଥିତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ

ଗୋଆର ବହୁ ସଂଖ୍ୟକ ଛାତ୍ର ଏବଂ ଯୁବବର୍ଗ ଏକତ୍ରିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ମନ୍ତ୍ରୀ ସୁବାସ ଫଲ ଦେଶାଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯୁବବର୍ଗଙ୍କୁ ନିଶା ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ପରାମର୍ଶ ଦେଇଥିଲେ । ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ସମସ୍ତେ ନିଶା ବିରୋଧରେ ମିଳିତ ଶପଥଗ୍ରହଣ କରିଥିଲେ । ଏଥିରେ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତି କରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆହ୍ୱାନ କ୍ରମେ ନିଶାମୁକ୍ତ ଭାରତ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଏହି ଲକ୍ଷ୍ୟ ପୂରଣ ଲାଗି ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି ।

## ହମିର୍‌ପୁର ହେଲିପୋର୍ଟ୍

ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ଶୁଖୁ ହମିର୍‌ପୁର ଜିଲ୍ଲା ଜାସ୍‌କୋଟ୍ ଠାରେ ନିର୍ମାଣାଧୀନ ହେଲିପୋର୍ଟ୍‌ର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଏହି ବନ୍ଦର ନିର୍ମାଣ କାର୍ଯ୍ୟରେ ୧୮ କୋଟି ଟଙ୍କା ବ୍ୟୟ କରାଯାଇଛି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଚଳିତ ବର୍ଷ ମେ ମାସ ଶେଷ ସୁଦ୍ଧା ଶେଷ କରିବା ଲାଗି ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ପର୍ଯ୍ୟଟନକୁ ତ୍ୱରାନ୍ୱିତ

କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦ୍ୱାରା ରାଜ୍ୟର ଅର୍ଥନୀତି କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଇପାରିବ ଏବଂ ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି ।

## କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଗ୍ରୁପ୍‌ର ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ କଲମ୍ବୋର ଆର୍.ପ୍ରେମଦାସା ଷ୍ଟାଡିୟମ ଠାରେ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଜାରି ରହିଛି । ନ୍ୟୁଜିଲାଣ୍ଡ ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ନ୍ୟୁଜିଲାଣ୍ଡ ଦଳ ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୮ ରନ୍ ସଂଗ୍ରହ କରିଛି ।

ଭାରତ ଏହାର ଅନ୍ତିମ ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା ରବିବାର ଦିନ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବ । କୋଲକାତାର ଇଡେନଗାର୍ଡେନସ୍ ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଫଳାଫଳ ଉପରେ ଭାରତର ସେମିଫାଇନାଲ୍‌କୁ ଉନ୍ନୀତ ହେବା ନିର୍ଭର କରୁଛି । ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା ମାସ ୪ ଓ ୫

ତାରିଖରେ ଅନୁଷ୍ଠିତ ହେବା ସହ ୮ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।